ମଙ୍ଗରାଜପୁର-କାଁପଡା ରାସ୍ତାରେ ଦୁର୍ଘଟଣା
ଅଟୋ ବାଇକ୍ ମୁହାଁମୁହିଁ, ୭ ଗୁରୁତର

ତିହିଡି,୧୫।୧୦ (ସକାଳ ଖବର): ଭଦ୍ରକ ଜିଲ୍ଲା ତିହିଡି ମଙ୍ଗରାଜପୁର-କାଁପଡା ରାସ୍ତାରେ ଅଟୋ-ବାଇକ୍ ମୁହାଁମୁହିଁ ହୋଇ ୭ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ଏକ ଯାତ୍ରୀବାହୀ ଅଟୋ ଈଶ୍ୱରପୁର ଦପାନାୟକାଣୀ ମନ୍ଦିରକୁ ଯାଉଥିବା ବେଳେ ବାଟରେ କାଳିଆମୋଟା ନିକଟରେ ସାମନାରୁ ଆସୁଥିବା ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଭାରସାମ୍ୟ ହରାଇ ଅଟୋଟି ରାସ୍ତା ତଳ ନଇଁଜୁରୀକୁ ଓଲଟି ପଡିଥିବା ବେଳେ ବାଇକଟି ରାସ୍ତା ତଳକୁ ଖସି ଯାଇଥିଲେ। ଆଟୋରେ ଥିବା ଯାତ୍ରୀ ଓ ବାଇକ ଆରୋହୀ ମୋଟ୍ ୭ ଜଣ ଗୁରୁତର ଆହତ ହୋଇ ପ୍ରଥମେ ତିହିଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଅଟୋରେ ଯାତ୍ରୀ ସାପକାଟିଆ ଗାଁର ରଞ୍ଜିତା ଦାସ, ବିରକିଶୋର ଦାସ, ଚକ୍ରଧର ଦାସ, ସୁକାନ୍ତୀ ଦାସ, ଶୁକଦେବ ଦାସ ଓ ଜିଝାରପୁର ଛନ୍ଦାସାହିର କାଳନ୍ଦି ମଲ୍ଲିକ ଏବଂ ବାଇକ୍ ଆରୋହୀ କାଁପଡା ପଞ୍ଚାୟତ ଅଧିନ ଦପା ଗାଁର ଜଗବନ୍ଧୁ ଦାସ ବୋଲି ମେଡିକାଲ ସୂତ୍ରରୁ ସୂଚନା ମିଳିଛି। ତେବେ ବେପରୁଆ ଭାବେ ଅଟୋ ଚଳାଥିବା ଚାଳକ ଧୁଷରୀ ଅଞ୍ଚଳର ବୋଲି ଜଣାଯାଇଛି। ପୋଲିସ ତାକୁ ଅଟକ ରଖି ପଚରା ଉଚୁରା କରୁଥିବା ଜଣାଯାଇଛି ।

ହିତାଧିକାରୀଙ୍କୁ ରେସନକାର୍ଡ ବିତରଣ

ଭଣ୍ଡାରିପୋଖରୀ,୧୫।୧୦(ସକାଳ ଖବର): ଭଣ୍ଡାରିପୋଖରୀ ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ଖାଦ୍ୟସୁରକ୍ଷା ଯୋଜନାରେ ଚୟନ ହୋଇଥିବା ହିତାଧିକାରୀମାନଙ୍କୁ ରେସନ କାର୍ଡ ବଣ୍ଟନ ପାଇଁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସାମଲ ଯୋଜନାର ଉଦ୍ଦେଶ୍ୟ ପୂରଣ ପାଇଁ ସମସ୍ତର ଉତ୍ତର ଦାଇତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ମୁଶ୍ରୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ବିଡ଼ିଓ ବନମାଳୀ ତରାଇ ସଂଚାଳନା କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ତହସିଲଦାର ପ୍ରଣୟ କୁମାର ଜେନା, ଜିଲ୍ଲାପରିଷଦ ଉପାଧକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି, ପଞ୍ଚାୟତ ସମିତି ଉପାଧକ୍ଷ ସତ୍ୟବ୍ରତ ଦାସ, ସରପଞ୍ଚ ଅଲିଭା ନାୟକ, ସଦାଶିବ ଦାସ, ସମାଜସେବୀ ଜଗନ୍ନାଥ ଭାରତୀ ଭାଷଣ ଦେଇ କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ ନପଡ଼ନ୍ତି ଓ ଯଦି କୌଣି ବ୍ୟକ୍ତି ମାପଦଣ୍ଡ ଉଲଘଂନ କରି କାର୍ଡ ପାଇଥାଆନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଲ୍ଲେଖ କରିଥିଲେ। ସାଧାରଣ ଲୋକମାନେ ଏଥିପାଇଁ ଆପତ୍ତି ଅଭିଯୋଗ ଜଣାଇବାକୁ ସୂଚନା ଦିଆଯାଇଥିଲା। ଏହି ଅବସରରେ ବ୍ଲକର ୨୩ଯାକ ପଞ୍ଚାୟତର ପ୍ରତ୍ୟେକ ୧୦ଜଣ ଲେଖାଏଁ ପରିବାରକୁ ରେସନ କାର୍ଡ଼ ପ୍ରଦାନ କରାଯିବା ସହ ଅବଶିଷ୍ଟ ପରିବାରକୁ ପଞ୍ଚାୟତରୁ ସଂଗ୍ରହ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଏହି ଯୋଜନାରେ ବ୍ଲକର ୮୨୩୬ ଜଣକୁ ଖାଦ୍ୟ ଯୋଗାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଏଯାବତ୍ ଆବେଦନ କରିଥିବା ୫୩୨୬ଟି ଆବେଦନ ପତ୍ରରୁ ୨୩୧୮ ପରିବାରକୁ ରେସନ କାର୍ଡ ଯୋଗାଇ ଦିଆଯାଇଛି। ବ୍ଲକର ଯୋଗାଣ ନିରୀକ୍ଷକ ରେବତିଶ ସିଂ ନାୟକ ଓ କାର୍ଯ୍ୟକ୍ରମ ଅଧିକାରୀ ଓ କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧାମରା ବନ୍ଦର ରେଳପଥ ଚୋରା କୋଇଲା ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି

ଭଦ୍ରକ, ୧୫।୧୦ - କୋଇଲା ଚୋରଙ୍କୁ ଧରିବା ଯୋଜନା ସୁପ୍ତ ହୋଇଗଲାଣି ତେଣୁ ମନ୍ତେଇ ନଦୀକୂଳରେ ନୂଆ କୋଇଲା ଡିପୋମାନ ଏବେ ସୃଷ୍ଟି ହେବାରେ ଲାଗିଛି। ଚଳନ୍ତା ରେଳଗାଡିରୁ କୋଇଲା ଲୁଟ୍ ଏକ ନୀତି ଦିନିଆ ଧନ୍ଦା ହେଲାଣି। ଏହାକୁ କେତେଜଣ ବେଉଶ କଲେଣି। ଏଣୁ ଧାମରା ବନ୍ଦର ରେଳପଥ ଇଲାକାରେ କିଛି କୋଇଲା କଡାଳି କୋଟିପତି ହୋଇଛନ୍ତି। ଚାକିରୀ କରିବା ଲାଳସା ଛାଡି ଦେଇ କୋଇଲା ଚୋରିକୁ ବେପାରରେ ପରିଣତ କରିଛନ୍ତି ବେକାରୀ ଯୁବକ। ଚୋରି କୋଇଲାକୁ ନେଇ ନିଜ ବାଡିରେ ଏବେ କୋଇଲା ଡିପୋ କରିଛନ୍ତି। ମାଟି ତଳେ ଏହାକୁ ବି ପୋତି ରଖିଛନ୍ତି। ୨୦୧୪ ରେ ଏହି କୋଇଲା ଖଣିକୁ ଠାବ କରି ତତ୍କାଳୀନ ବାଁଶଡା ଥାନାଧିକାରୀ ୩ ଦିନ ମଧ୍ୟରେ ୩ ହଜାର ମେଟ୍ରିକ୍ ଟନ୍ କୋଇଲା ଉଦ୍ଧାର କରିଥିଲେ। ୪ ବର୍ଷ ପରେ ପୁଣି କୋଇଲା ଖଣି ସଂଖ୍ୟା ବୃଦ୍ଧି ପାଇଛି। ଏହି କୋଇଲା ଡିପୋ ଓ ଖଣିକୁ ଦେଖାଇ ବେପାରୀଙ୍କ ଠାରୁ ଆଗୁଆ ଅଗ୍ରୀମ ଟଙ୍କା ଆଣୁଛନ୍ତି ଡିପୋ ମାଲିକ। ୩୫ ଚୋରା କୋଇଲା ବେପାରୀ ପୁରା ପ୍ରସ୍ତୁତ ବୋଲି କୁହାଯାଉଛି। ବାଁଶଡା ଥାନା ଇଲାକାରେ ୧୬ ପଂଚାୟତ, ଧାମରା ସାମୁଦ୍ରିକ ଥାନା ଅଧୀନରେ ୧ଟି ପଂଚାୟତ ଅଛି। ଏହି ମୋଟ ୧୭ ପଂଚାୟତରେ ପ୍ରାୟ ୩୫ ଜଣ ଚୋରା କୋଇଲା ବେପାରୀ ବେପାର କରୁଛନ୍ତି। ଏମାନେ ମାସିକିଆ ଚାନ୍ଦାରେ ବେପାର କରୁଥିବା ଆଲୋଚନା ହେଉଛି। ଗାଡି ପିଛା ମାସକୁ ୨୦ ହଜାର ଟଙ୍କା ହାତଗୁଂଜା ଦେଉଛନ୍ତି। ଏହାକୁ ଠିକ୍ ସେ ଚଳାଇବାକୁ ଲୋକାଲ୍ ଗୁଣ୍ଡା ପୋଷା ହୋଇଛନ୍ତି। ଏମାନେ ରାତିରେ ଗାଡି ପାର କରିଦେବାକୁ ବେପାରୀ ସହିତ ମୂଲଚାଲ କରିଛନ୍ତି। ଗାଡି ପିଛା ପ୍ରତି ରାତିକୁ ଏମାନେ ୫୦୦ ଟଙ୍କା ନେବାକୁ ଅଲିଖିତ ରାଜିନାମା ହୋଇଛି। ଅଫିସିଆଲି ପ୍ରୋବ୍ଲେମ୍ ପାଇଁ ତିନି ରାଜନେତା ଦାୟିତ୍ୱ ତୁଲାଇବାକୁ ଭିତିରି କଥା ଦେଇଛନ୍ତି। ଏହି ୧୭ ପଂଚାୟତରେ ମୋଟ ୧୭୯ ଟି ଗାଁ ଅଛି। ୧୦୦ ଗାଁର କିଛି ଲୋକେ ଏହି କୋଇଲା ବେପାରରେ ଲାଗି ପଡିଛନ୍ତି। ବର୍ଷକୁ ୮ ମାସ ଏହି ଧନ୍ଦା କରି ପେଟ ପୋଷୁଛନ୍ତି। ଚଳନ୍ତା ରେଳ ଗାଡିରୁ କୋଇଲା ଲୁଟ୍ କରିବାରେ ସପରିବାର ଭାଗ ନେଉଛନ୍ତି। ଆଉ କେତେକ ସ୍ଥାନରେ ବନ୍ଧୁ ବାନ୍ଧବଙ୍କୁ ଡାକି ରୋଜଗାର କରିବା ଶିଖାଉଛନ୍ତି। ଏହି କୋଇଲା କାଢିବା ସମୟରେ ୩ ବର୍ଷ ମଧ୍ୟରେ ୧୦ ଜଣଙ୍କର ଜୀବନ ଅକାଳେ ଯାଇଛି। ଏମାନଙ୍କୁ ମଧ୍ୟ ବାଧରେ କ୍ଷତି ପୂରଣ ଦିଆଯାଉଛି। ନଚେତ୍ ମୃତକଙ୍କ ପରିବାର ରେଳ ପଥରେ ଧାରଣା ଦେଉଥିବା ନଜିର ରହିଛି। ପ୍ରତିବର୍ଷ ନଭେମ୍ବରରୁ ଜୁନ୍ ମାସ ଯାଏଁ ଏହି ବେପାର ଚାଲୁଛି। ୩୫ ଚୋରା ବେପାରୀ ମାସକୁ ଜଣକରି ୨୦ ହଜାର ଟଙ୍କା ଦେଉଛନ୍ତି। ଏହି ମୋଟ ୭ ଲକ୍ଷ ଟଙ୍କା ଦୁଇଜଣ ରାଜନେତାଙ୍କ ହାତକୁ ଆସୁଛି। ଏମାନେ କାହାକୁ କେତେ ଦେଉଛନ୍ତି, ତାହା ସେମାନଙ୍କୁ ଜଣା। ନିଜେ ମଧ୍ୟ ଏହି ଟଙ୍କାରେ ଭାଗୀଦାର ହେଉଥିବା ଶୁଣାଯାଉଛି। କୋଇଲା ଚୋରି କେଶ୍‌ରେ କେହି ଥାନାକୁ ଗଲେ ଏମାନେ ମଧ୍ୟସ୍ଥ ହେବାର ଉଦାହରଣ ରହିଛି। ଏହି ଘଟଣା ମୂଲଚାଲ ହୋଇନପାରିଲେ ଥାନାରେ ମୋକଦ୍ଦମା କରାଯାଏ। ଏମାନଙ୍କୁ ଜେଲ୍‌ରୁ ଜାମିନ୍ ଆଣିବା ପାଇଁ ଜନୈକ ନେତା ପୁରା ଦମ୍‌ରେ ଲାଗି ପଡନ୍ତି। ରେଳପଥ ପାର୍ଶ୍ୱରେ ୫ ମାସ ଧରି କୋଇଲା ଡିପୋ କରାଯାଉଛି। ରାତିରେ ଏହି ଡିପୋକୁ ଜଗିବା ପାଇଁ ପାଳି କରି ଜଗୁଆଳି ନିଯୁକ୍ତି କରାଯାଉଛି। ଏହି ଧାମରା ଇଲାକାର ଜଣେ ମାଛ ବେପାରୀ ମାଛ ଗାଡିରେ କୋଇଲା ଚୋରା ଚାଲାଣ କରୁଛନ୍ତି।

ବିଧାୟକଙ୍କ ଦ୍ୱାରା ୧୨୪୫ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଧାମନଗର (୧୫/୧୦) ଧାମନଗର ବ୍ଲକ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାରଙ୍କ ଆନୁକୂଲ୍ୟରେ ୧୨୪୫ଜଣ ନୂତନ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଧୁବାବୁ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଓ ଅବିବାହିତ ମହିଳା ହିତାଧିକାରୀ ମାନଙ୍କୁ ଚିହ୍ନଟ କରାଯାଇ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା । ମଣ୍ଡଳ ସମାଜିକ ସୁରକ୍ଷା ଅଧିକାରୀ ଦେବେନ୍ଦ୍ର ନାୟକଙ୍କ ସଭାପତିତ୍ୱ ରେ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଧାମନଗର ଅଞ୍ଚଳରେ କୌଣସି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ୍ ପଡିବେ ନାହିଁ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଧାମନଗର ଗୋଷ୍ଠିଉନ୍ନୟନ ଅଧିକାରୀ ଦୁର୍ଗାଚରଣ ମୁର୍ମୁ, ସିଡିପିଓ ନମିତା ଦାଶ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ସଂାସଦଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ବିନୋଦ ନାୟକ, ବରିଷ୍ଠ ସମିତିସଭ୍ୟ ପ୍ରଦିପ ମଲ୍ଲିକ, ହରେକୃଷ୍ଣ ପାଢୀ, ବ୍ଲକ ଆତ୍ମାର ଅଧକ୍ଷ ଶରତ ଚନ୍ଦ୍ର ମହାନ୍ତି, ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ, ଧାମନଗର ବିଜେଡି ନଗର ସଂଖ୍ୟାଲଘୁ ସେଲର ଅଧକ୍ଷ ସେକ୍ ଅବଦୁଲ ହକିମ୍, ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର, ଶରତ ଚନ୍ଦ୍ର ମାଝୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଓ ଅଧିକାରୀ ୧୦ଗୋଟି ପୃଥକ ପୃଥକ ସ୍ଥାନରେ ବିଭିନ୍ନ ପଞ୍ଚାୟତ ଓ ନୂତନ ଏନଏସି ଅଞ୍ଚଳରୁ ଆସିଥିବା ହିତାଧିକାରୀ ମାନଙ୍କୁ ସୂଚାରୁରୂପେ ଭତ୍ତା ବଣ୍ଟନ କରିଥିଲେ ।

ଭଦ୍ରକରେ ଧାନସଂଗ୍ରହ ଧାର୍ଯ୍ୟଲକ୍ଷ୍ୟ ୫୦ ପ୍ରତିଶତରୁ କମ୍

ଭଦ୍ରକ, ୧୫।୧୦ (ସକାଳ ଖବର): ଚଳିତବର୍ଷ ଚାଷୀ ପଂଜିକରଣ କ୍ଷେତ୍ରରେ ଭଦ୍ରକ ଜିଲା ବହୁ ପଛରେ ପଡିଛି। ଗତବର୍ଷ ଜିଲାରେ ନୈରାଶ୍ୟଜନକ ଧାନ ସଂଗ୍ରହ ସେତ୍ୱ ପ୍ରାୟ ୬୦ ହଜାର ଚାଷୀ ସେମାନଙ୍କ ପଂଜିକରଣ କରିଥିବାବେଳେ ଚଳିତବର୍ଷ ପଂଜିକରଣ ସଂପୂର୍ଣ୍ଣ ହେବାକୁ ଆଉ ମାତ୍ର ଗୋଟିଏ ସପ୍ତାହ ରହିଥିବାବେଳେ ଧାର୍ଯ୍ୟଲକ୍ଷ୍ୟରୁ ୫୦ ପ୍ରତିଶତ ମଧ୍ୟ ପୂରଣ ହୋଇପାରିନାହିଁ। ଯାହାକୁ ନେଇ ଏବେ ଚାଷୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚାଷୀ ପଂଜିକରଣ ସଂପୂର୍ଣ୍ଣ ନହେଲେ ଚାଷୀମାନେ କେବଳ ସରକାରୀ ଧାନ ସଂଗ୍ରହରୁ ବଂଚିତ ହେବେ ନାହିଁ ବରଂ କଷ୍ଟ ଉପାର୍ଜିତ ଧାନ ଶାଗମାଛ ଦରରେ ପଡୋଶୀ ରାଜ୍ୟକୁ ଚୋରା ଚାଲାଣ ହେବା ନିଶ୍ଚିତ ହୋଇଛି। ଗତବର୍ଷ ଜିଲାରେ ପ୍ରାୟ ୬୦ ହଜାର ଚାଷୀ ସରକାରଙ୍କୁ ସେମାନଙ୍କ ଧାନ ବିକ୍ରି କରିବା ସକାଶେ ଆଗୁଆ ଅନ୍‌ଲାଇନ୍ ପଂଜିକରଣ କରିଥିବା ବେଳେ ଧାନ ସଂଗ୍ରହ କ୍ଷେତ୍ରରେ ସରକାରୀ ଅବହେଳା ଯୋଗୁଁ ପଂଜିକୃତ ଚାଷୀଙ୍କ ମଧ୍ୟରୁ ୫୦ ପ୍ରତିଶତ ସେମାନଙ୍କ ଧାନ ସରକାରଙ୍କୁ ବିକ୍ରି କରିପାରିନଥିଲେ। ତେବେ ଚଳିତବର୍ଷ ଧାନର ସହାୟକ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲାରେ ପ୍ରାୟ ୭୫ ହଜାର ଚାଷୀଙ୍କ ଅନ୍‌ଲାଇନ୍ ପଂଜିକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଥିରୁ ମାତ୍ର ୪୫ ପ୍ରତିଶତ ଅର୍ଥାତ୍ ୩୪ ହଜାର ୪୩୬ ଜଣ ଚାଷୀ ସେମାନଙ୍କ ଅନ୍‌ଲାଇନ୍ ପଂଜିକରଣ କରାଯାଇଛି। ଏହି ସୂଚନା ଅନୁଯାୟୀ ଚଳିତବର୍ଷ ଗତ ୫ ତାରିଖ ସୁଦ୍ଧା ଜିଲାରେ ୧୦୭ ଟି ସେବା ସମବାୟ ସମିତି ଜରିଆରେ ମାତ୍ର ୩୪ ହଜାର ୪୩୬ ଜଣ ଚାଷୀ ଅନ୍‌ଲାଇନ୍ ପଂଜିକରଣ କରିବାକୁ ସମର୍ଥ ହୋଇଛନ୍ତି। ସେହିଭଳି ଚଳିତବର୍ଷ ପୁରୁଣା ପଂଜିକରଣକୁ ଛାଡି ଜିଲାରେ ପ୍ରାୟ ୧୫ ହଜାର ନୂଆ ଚାଷୀ ପଂଜିକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସେଥିରୁ ମାତ୍ର ୧ ହଜାର ୬୫୫ ଗୋଟି ନୂଆ ପଂଜିକରଣ କରାଯାଇଛି। ସେହିଭଳି ଗତବର୍ଷ ଜିଲାରେ ପ୍ରାୟ ୬୦ ହଜାର ପୁରୁଣା ପଂଜିକରଣ ଥିବାବେଳେ ସେଥିରୁ ମାତ୍ର ୩୨ ହଜାର ୭୮୧ ପଂଜିକରଣ ନବୀକରଣ କରାଯାଇଛି। ଚଳିତମାସ ୧୫ ତାରିଖ ସୁଦ୍ଧା ସରକାରଙ୍କ ଅନଲାଇନ୍ ପଂଜିକରଣ ବ୍ୟବସ୍ଥା ବନ୍ଦ ହେବାକୁ ଯାଉଥିବାବେଳେ ଜିଲାରେ ଚାଷୀ ପଂଜିକରଣ ବେଳେ ଜିଲାରେ ଚାଷୀ ପଂଜିକରଣ ୫୦ ଭାଗ ନହେବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ସରକାରଙ୍କ ଗାଇଡ୍‌ଲାଇନ୍ ମୂଳେ ସବୁ ସେବା ସମବାୟ ସମିତିରେ ଅନ୍‌ଲାଇନ୍ ପଂଜିକରଣ ସକାଶେ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ହୋଇଥିଲେ ମଧ୍ୟ ସେମାନଙ୍କ ଅନଭିଜ୍ଞତା ଯୋଗୁଁ କାଗଜପତ୍ର ଦାଖଲ କରାଯାଇ ମଧ୍ୟ ବହୁ ଚାଷୀଙ୍କର ଅନ୍‌ଲାଇନ୍ ପଂଜିକରଣ ମାସ ମାସ ଧରି ସମବାୟ ସମିତି କାର୍ଯ୍ୟାଳୟରେ ପଡି ରହିଛି। ଭଦ୍ରକ ବ୍ଲକ୍ ଅନ୍ତର୍ଗତ ରାନ୍ଦିଆ ସେବା ସମବାୟ ସମିତିରେ ପ୍ରତାପ ଦାସ ନାମକ ଜଣେ ଚାଷୀ ।ତଙ୍କର ଅନ୍‌ଲାଇନ୍ ପଂଜିକରଣ ସକାଶେ ଆବଶ୍ୟକ କାଗଜ ଗତ ସେପ୍ଟେମ୍ବର ମାସ ୧୫ ତାରିଖ ଠାରୁ ଦାଖଲ କରିଥିଲେ ମଧ୍ୟ ବିଭାଗୀୟ ଅବହେଳା ଯୋଗୁଁ ଆଜିସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏଥିନେଇ ସୋସାଇଟି ସଂପାଦକ ଏପରିକି ଏଆରସିଏସ୍‌ଙ୍କ ପାଖରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗୋଟିଏ ପଟରେ ସୋସାଇଟି ଗୁଡିକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଅନ୍‌ଲାଇନ୍ ପଂଜିକରଣ କରିବାକୁ ପଛଘୁଞ୍ଚା ଦେଉଥିଲେ ମଧ୍ୟ ଦଲାଲଙ୍କ ପଂଜିକରଣ କରିବାରେ ଆଦୌ ଅବହେଳା କରୁନଥିବା ଅଭିଯୋଗ ହୋଇଛି। ସରକାର ଭଦ୍ରକ ଜିଲା ଚାଷୀ ପଂଜିକରଣ କ୍ଷେତ୍ରରେ ଏହି ଅନିୟମିତତା ଏବଂ ବିଳମ୍ବତା ଉପରେ କଡା ଆଭିମୁଖ୍ୟ ଗ୍ରହଣ ନକଲେ ଜିଲାର ବହୁ ଚାଷୀ ସରକାରଙ୍କ ଅନ୍‌ଲାଇନ୍ ପଂଜିକରଣରୁ ବାଦ୍ ପଡିବେ ବୋଲି ଅଭିଯୋଗ ହୋଇଛି।

ତାଳଚେରର କୋଇଲା ଖଣି ଅଞ୍ଚଳରେ ଦୁର୍ଗାପୂଜାର ପ୍ରସ୍ତୁତି

ତାଳଚେର,୧୫।୧୦ (ସକାଳ ଖବର): ପାର୍ବଣର ଆଗମନରେ ଶିଳ୍ପନଗରୀ ତାଳଚେର ସହର ଆଜି ଚଳଚଂଚଳ ହୋଇ ଉଠିଛି । ମାଙ୍କ ଆଗମନରେ ଶ୍ରଦ୍ଧାଳୁମାନଙ୍କ ମନରେ ଭରି ଦେଇଛି ବିପୁଳ ଉତ୍ସାହ ଓ ଅସରନ୍ତି ଉଲ୍ଲାସ । ଶାରଦୀୟ ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ ଢଙ୍ଗରେ ପାଳନ କରିବା ପାଇଁ ବିଭିନ୍ନ ଶକ୍ତି ପୀଠ ଓ ପୂଜା ମଣ୍ଡପଗୁଡିକର ପ୍ରସ୍ତୁତିପର୍ବ ଅନ୍ତିମ ଭାଗରେ ପହଂଚିସାରିଲାଣି । ସବୁ ମଣ୍ଡପଗୁଡିକରେ ଶୋଭା ପାଉଛନ୍ତି ମା ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତି ସହ ଆକର୍ଷଣୀୟ ତୋରଣ ତଥା ଆଲୋକସଜ୍ଜା । କୋଇଲାନଗରୀ ତାଳଚେରର ବିଭିନ୍ନ କୋଇଲାଖଣି ଗୁଡିକ ପକ୍ଷରୁ ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଦୁର୍ଗା ପୂଜା ମହାଆଡମ୍ବର ସହକାରେ ପାଳନ କରାଯାଉଛି । ଏହି ଉପଲକ୍ଷେ ବିଭିନ୍ନ ପୂଜା କମିଟି ଗୁଡିକ ପକ୍ଷରୁ ଆକର୍ଷଣୀୟ ତଥା ସୁଉଚ୍ଚ ତୋରଣ ନିର୍ମାଣ କରାଯାଉଛି । ଏମ୍‌ସିଏଲ୍‌ର ଅନନ୍ତ, ଲିଙ୍ଗରାଜ, ଭରତପୁର, ଜଗନ୍ନାଥ, ବଳରାମ, ହିଙ୍ଗୁଳା, ସାଉଥବଲଣ୍ଡା, ଡେରା, ନନ୍ଦିରା ପ୍ରଭୃତି କୋଇଲା ଖଣିର ପୂଜାମଣ୍ଡପ ଗୁଡିକରେ ମା ଦଶଭୂଜାଙ୍କ ଆକର୍ଷଣୀୟ ମୃଣ୍ମୟ ପ୍ରତିମା ଶୋଭା ପାଉଛନ୍ତି । ଚଳିତ ବର୍ଷ ସାଉଥବଲଣ୍ଡା ଦୁର୍ଗାପୂଜା କମିଟିର ୫୩ ବର୍ଷ ପୂର୍ତି ଉପଲକ୍ଷେ ନିଆରା ଢଙ୍ଗରେ ପୂଜା ପାଳନ କରାଯିବ ବୋଲି କର୍ମକର୍ତାମାନେ ପ୍ରକାଶ କରିଛନ୍ତି । ସେହିପରି ବିଭିନ୍ନ ପୂଜାମଣ୍ଡପରେ ଆକର୍ଷଣୀୟ ଢଙ୍ଗରେ ଏଲିଡ୍ ଲାଇଟ ଦ୍ୱାରା ସାଜସଜ୍ଜା କରାଯାଉଛି । ଏଥିରେ ତାଜମହଲ, କୁତବମିନାର୍, ଲତା, ଫୁଲ, ହାତୀ, ସିଂହ ସହ ଚିତାକର୍ଷକ ବିଲଡିଙ୍ଗ୍ ଲାଇଟ୍ ମାଧ୍ୟମରେ ସଜା ଯାଇଛି । ଦର୍ଶକ ମାନଙ୍କ ମନୋରଂଜନ ନିମନ୍ତେ ପୂଜାକମିଟି ଗୁଡିକ ପକ୍ଷରୁ ଓଡିଶାର ଆଗଧାଡିର ଯାତ୍ରା ପାର୍ଟି ମାନଙ୍କ ଦ୍ୱାରା ନାଟକ ପରିବେଷଣ ସହ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି । ପୋଲିସ ତଥା ପ୍ରଶାସନ ପକ୍ଷରୁ ଦେବୀଙ୍କ ଦର୍ଶନ ଲାଗି ଆସୁଥିବା ଶ୍ରଦ୍ଧାଳୁମାନଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । ବର୍ତମାନ ସମସ୍ତ ଦେବୀପୀଠ ଗୁଡିକରେ ମାଙ୍କର ଷୋଡଶ ଉପଚାର ପୂଜା ଆରମ୍ଭ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ପୀଠଗୁଡିକରେ ଚଣ୍ଡୀପାଠ,ଷୋଡଶପଚାର ପୂଜା,ନୀତି ପୂଜା ଓ ସନ୍ଧ୍ୟା ଆଳତୀ ପ୍ରମୁଖ ଅନୁଷ୍ଠାନ ବିଧିବିଧାନ ଅନୁଯାୟୀ ପାଳିତ ହେଉଛି । ସେହିପରି ୧୫ ତାରିଖ ସୋମବାର ଦିନ ମା ଙ୍କ ଷଷ୍ଠୀ ପୂଜା, ୧୬ ତାରିଖ ଦିନ ମହାସପ୍ତମୀ,୧୭ ତାରିଖ ବୁଧବାର ଦିନ ମହାଷ୍ଟମୀ ପାଳନ ଅବସରରେ ସନ୍ଧି ପୂଜା ,୧୮ ତାରିଖ ଗୁରୁବାର ଦିନ ମହାନବମୀ ଦିନ ମହାଚଣ୍ଡୀ ଯଜ୍ଞ ତଥା ୧୯ ତାରିଖ ଶୁକ୍ରବାର ଦିନ ବିଜୟା ଦଶମୀ ଦିନ ଅପରାଜିତା ପୂଜା ଅନୁଷ୍ଠିତ ହେବ । ବିଜୟାଦଶମୀ ଦିନ ସାଉଥବଲଣ୍ଡାସ୍ଥିତ ରାବଣପୋଡି ଅନୁଷ୍ଠାନ ପକ୍ଷରୁ ରାବଣ ପୋଡି ଉତ୍ସବ ପାଳନ କରାଯିବାର କାର୍ଯ୍ୟକ୍ରମ ଅଛି । ଚଳିତ ମାସ ୨୦ ତାରିଖ ଦିନ ମା'ଙ୍କର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ପୂଜାକୁ ଅଧିକ ମନୋଜ୍ଞ କରିବାକୁ ବିଭିନ୍ନ ପୂଜାକମିଟିର ସଭାପତି, ସଂପାଦକ ତଥା ସଦସ୍ୟମାନେ ତତ୍ପର ହୋଇଉଠିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା : କ୍ଷତିଗ୍ରସ୍ତ ପରିବାରଙ୍କୁ ଦିଆଯିବ ୧ହଜାର ଟଙ୍କା, ୫୦ କେ.ଜି. ଚାଉଳ ଓ ଅଢ଼େଇ ଲିଟର କିରୋସିନ

ଭୁବନେଶ୍ୱର, ୧୫।୧୦ (ସକାଳ ଖବର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ସଚିବାଳୟରେ ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ଓ ଅନ୍ୟ ସମ୍ପୃକ୍ତ ବିଭାଗୀୟ ସଚିବମାନଙ୍କ ସହିତ ତିତଲି ପରବର୍ତୀ ପୁନଃନିର୍ମାଣ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ି ଆଜି ଗଜପତି ଜିଲ୍ଲା ପରିଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ସବୁ କ୍ଷତିଗ୍ରସ୍ତ ପରିବାରକୁ ନଗଦ ଏକହଜାର ଟଙ୍କା, ୫୦ କେ.ଜି. ଚାଉଳ ଓ ଅଢ଼େଇ ଲିଟର କିରୋସିନ ତୁରନ୍ତ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଖୁବଶୀଘ୍ର ଆଉ ଦୁଇହଜାର ଟଙ୍କା ସମସ୍ତ କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଆକାଉଂଟରେ ଜମା କରାଯିବ। ବୈଠକର ଆଲୋଚନାରୁ ଜଣାଯାଇଛି ଯେ କ୍ଷତିଗ୍ରସ୍ତ ଅଂଚଳଗୁଡ଼ିକରେ ପରିସ୍ଥିତି ଖୁବଶୀଘ୍ର ସ୍ୱାଭାବିକ ହେଉଛି। ସମସ୍ତଙ୍କୁ ପଲିଥିନ ଯୋଗାଇ ଦିଆଯାଉଛି। ଆସନ୍ତାକାଲି ସୁଦ୍ଧା ସମସ୍ତ ପଲିଥିନ ଆବଂଟନ କରାଯିବ। ପାରଳାଖେମୁଣ୍ଡି ଓ କାଶିନଗରରେ ଆଜି ସନ୍ଧ୍ୟା ସୁଦ୍ଧା ବିଦ୍ୟୁତ ସରବରାହ ପୁନଃ ସ୍ଥାପିତ ହେବା।ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡ଼ିକର ମରାମତି ପାଇଁ ତିନିଦିନ ସମୟ ଲାଗିବ ଏବଂ ଏଥିପାଇଁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉତମ ସେବା ଯୋଗାଇ ଦିଆଯାଉଛି। ହସପିଟାଲ ଓ ମୋବାଇଲ ହେଲଥ ୟୁନିଟଗୁଡ଼ିକ ଦ୍ୱାରା ମାଗଣାରେ ଚିକିତ୍ସା ଓ ଔଷଧ ବଂଟନ କରାଯାଉଛି ଏବଂ ବିଭିନ୍ନ ସଂକ୍ରାମକ ରୋଗ ସମ୍ପର୍କରେ ଡାକ୍ତରମାନେ ସତର୍କତା ମୂଳକ ପଦକ୍ଷେପ ନେବା ସହିତ ଲୋକଙ୍କୁ ସଚେତନ କରାଯାଉଛି।

କେନ୍ଦ୍ର କୋଇଲା ମନ୍ତ୍ରୀଙ୍କ ତାଳଚେର କୋଇଲା ଖଣି ଗସ୍ତ

ତାଳଚେର,୧୫।୧୦ (ସକାଳ ଖବର): କେନ୍ଦ୍ର କୋଇଲା ମନ୍ତ୍ରୀ ପିୟୁଷ ଗୋଏଲ୍ ଆଜି ଦିନିକିଆ ତାଳଚେର କୋଇଲା ଖଣି ଗସ୍ତ କରି ବିଭିନ୍ନ କୋଇଲା ଖଣି ପରିର୍ଶନ କରିଥିଲେ। କୋଇଲା ଉତ୍ପାଦନ, ପରିବହନ ଏବଂ ଜମି ଅଧିଗ୍ରହଣ ସମ୍ପର୍କରେ ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହିତ କୋଇଲା ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋଏଲ୍ ଭୁବନେଶ୍ୱରୀ, ଅନନ୍ତ ଓ ଲିଙ୍ଗରାଜ କୋଇଲା ଖଣି ପରିଦର୍ଶନ କରିଥିଲେ। ଖଣି ଅଞ୍ଚଳରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କୋଲ୍ ଇଣ୍ଡିଆ ଅଧକ୍ଷ ଓ ଏମ୍‌ସିଏଲ୍ ଅଧକ୍ଷଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କୋଇଲା ମନ୍ତ୍ରୀ ଭୁବନେଶ୍ୱରୀ ଖଣିରୁ ଫେରିବା ସମୟରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କ୍ଷତିଗ୍ରସ୍ତ ପ୍ରଜା ମନ୍ତ୍ରୀଙ୍କୁ ସାକ୍ଷାତ୍ କରି ୧୯ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଓଡ଼ିଶା କୋଲିୟରୀଜ ମଜଦୁର ସଂଘ ଓ ଓକିଲ ସଂଘ ପକ୍ଷରୁ ଅନୁରୂପ ଭାବେ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଗସ୍ତ ବେଳେ କୋଲ୍ ଇଣ୍ଡିଆ ଅଧକ୍ଷ ଅନିଲ୍ କୁମାର ଝା ଓ ଏମ୍‌ସିଏଲ୍ ସିଏମ୍‌ଡି ରାଜୀବ ରଞ୍ଜନ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ତେବେ କୋଇଲା ମନ୍ତ୍ରୀଙ୍କର ତାଳଚେରକୁ ଏହି ସ୍ୱଳ୍ପ ସମୟ ଗସ୍ତ ସମୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦୂରେଇ ରଖାଯାଇଥିଲା ବେଳେ ବିଜେପି ଦଳୀୟ ନେତାମାନଙ୍କୁ ତାଙ୍କ ସହିତ ବୁଲୁଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ରମନ୍ତ୍ରୀ ଆସିଲେ କିନ୍ତୁ ବିସ୍ଥାପିତମାନଙ୍କ ସମସ୍ୟା ଏବଂ ପ୍ରଦୂଷଣ ସମସ୍ୟା ଉପରେ କୌଣସି ଟିପ୍ପଣୀ ନଦେଇ ସିଧାସଳଖ ଭୁବନେଶ୍ୱର ଚାଲିଯାଇଥିଲେ। ଫଳରେ ତାଳଚେର କ୍ଷତିଗ୍ରସ୍ତ ପ୍ରଜାଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେବେ ମନ୍ତ୍ରୀଙ୍କ ଗସ୍ତ ତାଳଚେର କୋଇଲା ଖଣି ଅଞ୍ଚଳକୁ କାହିଁକି ଏବଂ କ'ଣ ପାଇଁ ବୋଲି ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com
Editor - Amit Kumar Mallick
ସଂପାଦକ : ଅମିତ୍ କୁମାର ମଲ୍ଲିକ୍